# UGC NET PAPER 2 JANUARY 22, 2017 SHIFT 1 ODIA QUESTION PAPER

**Note** : This paper contains **fifty (50)** objective type questions, each question carrying **two (2)** marks. Attempt **all** the questions.

**ନିର୍ଦ୍ଦେଶ** : ଏହି ପତ୍ରରେ **ପଚାଶ (50)ଟି ବହୁବିକଳ୍ପୀୟ** ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ **ଦୁଇ(2)** । **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।

**1.** ଏମାନଙ୍କ ମଧ୍ୟରୁ କେଉଁଟି ଥମ୍ପସନ୍ ନିର୍ଦ୍ଦେଶିତ ମୋଟିଫ୍ ନୁହେଁ ?

(1) ନିଷେଧ (2) ସମାଜ ବ୍ୟବସ୍ଥା

(3) ଯୌନ ଓ ବିବାହ (4) ଅଭାବ

**2.** ଲୋକ କାହାଣୀର କେଉଁଟି 'କ୍ଷୁଦ୍ରତମ ଅଥଚ ଅସ୍ଥିର' ଉପାଦାନ ?

(1) ପ୍ରକାର୍ଯ୍ୟ (function) (2) ଘଟଣା

(3) ଭାବସାର (motif) (4) କଥକର ଚିନ୍ତାଧାରା

**3.** ଓଡ଼ିଆ ବାରମାସୀ ଗୀତର ଆରମ୍ଭ କେଉଁମାସରୁ ହୁଏ ?

(1) ବୈଶାଖ (2) ମାର୍ଗଶୀର

(3) ଚୈତ୍ର (4) ଆଷାଢ଼

**4.** କିଏ ଲୋକଗୀତକୁ 'ବୋଲା ହେଉଥିବା ଗୀତ' ଓ 'ବୋଲା ହେଉନଥିବା ଗୀତ' ଭାବେ ମୂଳତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି ?

(1) ଲକ୍ଷ୍ମୀ ନାରାୟଣ ସାହୁ (2) ଚକ୍ରଧର ମହାପାତ୍ର

(3) କୁଞ୍ଜବିହାରୀ ଦାଶ (4) ଭାବଗ୍ରାହୀ ମିଶ୍ର

**5.** "ଉଁଚା ଉଁଚା ପାବତ ତହିଁ ବସଇ ଶବରୀ ବାଳୀ

ମୋରଙ୍ଗି ପିଚ୍ଛ ପରହିଣ ଶବରୀ, ଗିବତ ଗୁଞ୍ଜରୀ ମାଳୀ !" –

ଏହା କେଉଁ ଚାର୍ଯ୍ୟାକାରଙ୍କର ରଚନା ?

(1) କାହ୍ନୁପା (2) ସରହପା

(3) ଲୁଇପା (4) ଶବରୀପା

6. "ତେଣୁ ଶାସ୍ତ୍ରାଦି ମୁଁ କଲି ଉପାମ ।
ପ୍ରସ୍ତାବ ସିନ୍ଧୁ ବୋଲି ଏହା ନାମ ॥
ଚାଣକ୍ୟ ଶାସ୍ତ୍ରରେ ଯେତେକ ବାଣୀ ।
ସବୁ ପ୍ରସ୍ତାବ ଠୁଳ କଲି ଆଣି ॥" – ଏହା କାହାର ରଚନା ?
(1) ଅଭିମନ୍ୟୁ ସାମନ୍ତସିଂହାର (2) ଦେବଦୁର୍ଲଭ ଦାସ
(3) ଦୀନକୃଷ୍ଣ ଦାସ (4) ଭକ୍ତଚରଣ ଦାସ

7. 'ଷୋଡ଼ଶ ବୃଦ୍ଧ' ଙ୍କ ପ୍ରସଙ୍ଗ କେଉଁ ଗ୍ରନ୍ଥରେ ରହିଛି ?
(1) ପ୍ରସ୍ତାବ ଚିନ୍ତାମଣି (2) ରୁଦ୍ର ସୁଧାନିଧି
(3) ଚତୁର ବିନୋଦ (4) ଚମ୍ପିନୀ ଚକଡ଼ା

8. 'ବଳବନ୍ତ ହେଲେ ଯଥା କେଶରୀ
ବଧେ ଗଜାଦି ଶରଭକୁ ଡରି ।' – ଏଠାରେ 'ଶରଭ' ଶବ୍ଦର ଅର୍ଥ କ'ଣ ?
(1) ଅଷ୍ଟପଦ ବିଶିଷ୍ଟ ପୌରାଣିକ ମୃଗ (2) ଗରୁଡ଼
(3) ବାମନ (4) ଐରାବତ

9. ବିଚିତ୍ରାନନ୍ଦ, ବିଶ୍ୱମୋହନ, ବନ୍ୟା-ଚରିତ୍ରମାନେ ରମେଶ ପାଣିଗ୍ରାହୀଙ୍କ କେଉଁ ନାଟକର ଅନ୍ତର୍ଗତ ?
(1) ମୁକ୍ତିମଣ୍ଡପ (2) ତିମିର ତୃଷ୍ଣା
(3) ମୁଁ, ଆମ୍ଭେ ଓ ଆମ୍ଭେମାନେ (4) ନଷ୍ଟ ଚନ୍ଦ୍ରର ଉପତ୍ୟକା

10. ନୀତିବିନୋଦରେ କେଉଁ ପ୍ରକାର ବିବାହକୁ ସମର୍ଥନ କରାଯାଇଛି ?
(1) ପିତାମାତାଙ୍କ ଦ୍ୱାରା ସ୍ଥିରୀକୃତ ବିବାହ (2) ଗୃହରୁ ଲୁଚି ପଳାଇଯାଇ ବିବାହ
(3) ମନ୍ଦିରରେ ବିବାହ (4) ସ୍ୱୟଂ ବରଣ

11. 'ଏଜ୍ରାପାଉଣ୍ଡ' ନିମ୍ନ କେଉଁ ବାଦ ସହିତ ସଂପୃକ୍ତ ?
(1) ସ୍ୱଭାବବାଦ (2) ଚିତ୍ରକଳ୍ପବାଦ
(3) କ୍ଲାସିକବାଦ (4) ଡାଡାବାଦ

12. ଛନ୍ଦ ମୁଖ୍ୟତଃ କେତେ ଭାଗରେ ବିଭକ୍ତ ?
(1) ଦୁଇ ଭାଗ (2) ପାଞ୍ଚ ଭାଗ
(3) ଛଅ ଭାଗ (4) ଦଶ ଭାଗ

13. କି, ସତେ, କିବା, ଅବା, ଯେହ୍ନେ ପ୍ରଭୃତି କେଉଁ ଅଳଙ୍କାରର ବାଚକ ଶବ୍ଦ ?
(1) ପ୍ରତିବସ୍ତୁ ଉପମା (2) ସଙ୍କର
(3) ଉତ୍ପ୍ରେକ୍ଷା (4) ନିଦର୍ଶନା

Prepp
Your Personal Exams Guide

**14.** 'ଉପମା' ଅଳଙ୍କାର କେତେ ଭାଗରେ ବିଭକ୍ତ ?

(1) ତ୍ରିବିଧ (2) ଦ୍ୱିବିଧ

(3) ଚତୁର୍ବିଧ (4) ପଞ୍ଚବିଧ

**15.** କାର୍ତ୍ତିକ ମାସରେ ଘରେ ଘରେ ଭାଗବତ ପାଠ କରାଯାଏ ।

'ଘରେ ଘରେ' କେଉଁ ବିଭକ୍ତି ?

(1) ଦ୍ୱିତୀୟା (2) ପଞ୍ଚମୀ

(3) ଷଷ୍ଠୀ (4) ସପ୍ତମୀ

**16.** 'ମଣିଷର ଭାଷା' – ଗ୍ରନ୍ଥଟି କାହାର ?

(1) ବିଜୟ ପ୍ରସାଦ ମହାପାତ୍ର (2) ଦେବୀପ୍ରସନ୍ନ ପଟ୍ଟନାୟକ

(3) ଗୋଲୋକ ବିହାରୀ ଧଳ (4) କୁଞ୍ଜବିହାରୀ ତ୍ରିପାଠୀ

**17.** 'ଧ୍' କେଉଁ ପ୍ରକାରର ବ୍ୟଞ୍ଜନ ଧ୍ୱନି ?

(1) ତାଲବ୍ୟ (2) ଦନ୍ତ୍ୟ

(3) ବର୍ତ୍ସ୍ୟ (4) ଓଷ୍ଠ୍ୟ

**18.** 'ଭାଉଜ' – ଶବ୍ଦର ମୂଳ ସଂସ୍କୃତ ରୂପ କ'ଣ ?

(1) ଭାତୃଜାୟା (2) ଭ୍ରାତୃଜା

(3) ଭ୍ରାତୃଜାୟା (4) ଭାତୃଜା

**19.** ଆରିଷ୍ଟଟଲଙ୍କ ମତରେ ମହାକାବ୍ୟ କେଉଁ ଶ୍ରେଣୀର ସାମାଜିକଙ୍କ ପାଇଁ ଉଦ୍ଦିଷ୍ଟ ?

(1) ଆଦିବାସୀ-ଜନଜାତୀୟ ସାମାଜିକ

(2) ନିକୃଷ୍ଟ ଧରଣର ସାମାଜିକ

(3) ନିରକ୍ଷର ସାମାଜିକ

(4) ଉତ୍କୃଷ୍ଟ ଧରଣର ସାମାଜିକ

**20.** କେଉଁ ସ୍ରଷ୍ଟାଙ୍କ ଆତ୍ମଜୀବନୀର ଦ୍ୱିତୀୟ ଭାଗ ସଂପର୍କରେ ସୂଚୀପତ୍ରରେ ଉଲ୍ଲେଖ ଥିଲେ ହେଁ ବାସ୍ତବରେ ତାହା ସବୁଦିନ ପାଇଁ ଅଲିଖିତ ହୋଇ ରହିଯାଇଛି ?

(1) ପଣ୍ଡିତ ଗୋଦାବରୀଶ ମିଶ୍ର (2) ପଣ୍ଡିତ ନୀଳକଣ୍ଠ ଦାସ

(3) ଗଣକବି ବୈଷ୍ଣବ ପାଣି (4) ସତ୍ୟନାରାୟଣ ରାଜଗୁରୁ

**21.** 'ପୁଷ୍ପପୁରରେ ବର୍ଷାବରଣ' – ପ୍ରବନ୍ଧଟି କାହାର ?

(1) କରୁଣାକର କର (2) ଶ୍ରୀନିବାସ ସାହୁ

(3) କୁଞ୍ଜବିହାରୀ ତ୍ରିପାଠୀ (4) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

Prepp
Your Personal Exams Guide

**22.** 'ଗାଂଧୀଚୁକରୁ ଟିକିଏ ଆଗକୁ' – ଉପନ୍ୟାସର ରଚୟିତା କିଏ ?

(1) ଗୌରହରି ଦାସ (2) ହରପ୍ରସାଦ ଦାସ

(3) ପଦ୍ମଜ ପାଳ (4) ସାତକଡ଼ି ହୋତା

**23.** କାନ୍ତକବି ଲକ୍ଷ୍ମୀକାନ୍ତ କେଉଁ ଚମ୍ପୂର ରଚୟିତା ?

(1) କିଶୋରୀ ବିଳାସ ଚମ୍ପୂ (2) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ

(3) ମୋହନାନନ୍ଦ ଚମ୍ପୂ (4) ଚଟକ ଚନ୍ଦ୍ରହାସ ଚମ୍ପୂ

**24.** ଲକ୍ଷ୍ମୀଧର ନାୟକ କେଉଁ ପ୍ରକାଶନ ସଂସ୍ଥାସହ ସଂପୃକ୍ତ ଥିଲେ ?

(1) ଆନନ୍ଦ ଲହରୀ ଉପନ୍ୟାସମାଳା (2) ସାଥୀ ସିରିଜ୍

(3) ପ୍ରାଚୀ ସମିତି (4) ପ୍ରଜାତନ୍ତ୍ର ପ୍ରେସ୍

**25.** "ରୋଗୋତ୍ପତ୍ତିର କାରଣ ଦୂର ନକରି ଔଷଧ ପ୍ରୟୋଗ କରିବା ବିଡ଼ମ୍ବନା ମାତ୍ର ।" – ଫକୀରମୋହନଙ୍କ କେଉଁ ଉପନ୍ୟାସରେ ଏ ବାକ୍ୟଟି ରହିଛି ?

(1) ପ୍ରାୟଶ୍ଚିତ୍ତ (2) ମାମୁ

(3) ଲଛମା (4) ଛମାଣ ଆଠଗୁଣ୍ଠ

**26.** 'ଉତ୍କଳବୀଣା' ର ରଚୟିତା କିଏ ?

(1) ବୀରକିଶୋର ଦାସ (2) ବାଞ୍ଛାନିଧି ମହାନ୍ତି

(3) ମଧୁସୂଦନ ଦାସ (4) ଭଗବାନ ମେହେର

**27.** କେଉଁଟି ରତିରଂଜନ ମିଶ୍ରଙ୍କ ନାଟକ ନୁହେଁ ?

(1) ଅରୁଣ ରଙ୍ଗର ପକ୍ଷୀ (2) ମଧୁବାବୁଙ୍କ କାଳିଆ ଘୋଡ଼ା

(3) ଗୁଣିଆ ଝାଡ଼େଲୋ ଡାହାଣୀ (4) ଅତି ଆଚମ୍ବିତ କଥା

**28.** ପ୍ରମୋଦ କୁମାର ତ୍ରିପାଠୀ କେଉଁ ନାଟକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି ?

(1) ନିଶାନ୍ତ (2) ସଁବାଳୁଆ

(3) ଶୁଣ ପରୀକ୍ଷ ଦଣ୍ଡଧାରୀ (4) ଅମାବାସ୍ୟାର ଅନ୍ଧକାର

**29.** କେଉଁଟି ସୌରୀନ୍ଦ୍ର ବାରିକଙ୍କ ପୁସ୍ତକ ନୁହେଁ ?

(1) ଅନ୍ୱେଷାର ସ୍ୱର (2) ସତ୍ୟର କୁହୁକ

(3) ଶବ୍ଦ ସବୁ ସରିଗଲା ପରେ (4) ଏଣୁ ତେଣୁ କିଛି

Prepp
Your Personal Exams Guide

**30.** 'My Times and I' କେଉଁ ଲେଖକଙ୍କ ଆତ୍ମଜୀବନୀର ଅନୁବାଦ ?

(1) ଗୋଦାବରୀଶ ମିଶ୍ର (2) ଫକୀରମୋହନ ସେନାପତି

(3) ଗୋପୀନାଥ ମହାନ୍ତି (4) ସାରଙ୍ଗଧର ଦାସ

**31.** ସମର ତରଙ୍ଗରେ ବର୍ଣ୍ଣିତ ଯୁଦ୍ଧ କାହା କାହା ମଧ୍ୟରେ ହୋଇଥିଲା ?

I. ଢେଙ୍କାନାଳ ରାଜା

II. ମରାଠା ସେନାପତି

III. ଓଡ଼ିଶାର ଗଜପତି

IV. ମୋଗଲ ସେନାପତି

ସୂତ୍ର (Code) :

(1) I ଓ IV ଠିକ୍ (2) II ଓ III ଠିକ୍

(3) III ଓ IV ଠିକ୍ (4) I ଓ II ଠିକ୍

**32.** କେଉଁ ଗୁଡ଼ିକ ମଧ୍ୟଯୁଗୀୟ କାବ୍ୟର ବୈଶିଷ୍ଟ୍ୟ ?

I. ଆଳଙ୍କାରିକତା

II. ନାୟକ ନାୟିକାଙ୍କ ସ୍ଥିତି

III. ଶୃଙ୍ଗାର ରସର ପ୍ରାଧାନ୍ୟ

IV. ବିଦୂଷକର ଗୁରୁତ୍ୱ

ସୂତ୍ର (Code) :

(1) I ଓ II ଠିକ୍ (2) I, II ଓ III ଠିକ୍

(3) I ଓ III ଠିକ୍ (4) III ଓ IV ଠିକ୍

**33.** ସଚ୍ଚି ରାଉତରାୟଙ୍କ ନିମ୍ନ ଗ୍ରନ୍ଥଗୁଡ଼ିକର ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

I. ପାଣ୍ଡୁଲିପି

II. ଅଭିଜ୍ଞାନ

III. ହସନ୍ତ

IV. ପଲ୍ଲୀଶ୍ରୀ

ସୂତ୍ର (Code) :

(1) IV, I, II, III (2) IV, III, I, II

(3) I, II, IV, III (4) II, IV, III, I

**34.** ଗୋପୀନାଥ ମହାନ୍ତିଙ୍କ ନିମ୍ନ ଉପନ୍ୟାସଗୁଡ଼ିକର ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।

I. ମାଟିମଟାଳ

II. ଦାନାପାଣି

III. ହରିଜନ

IV. ପରଜା

ସୂତ୍ର (Code) :

(1) IV, III, II, I
(2) II, III, IV, I
(3) III, IV, II, I
(4) I, III, II, IV

**35.** କୁଞ୍ଜବିହାରୀ ଦାଶ କେଉଁ କ୍ରମରେ କିମ୍ବଦନ୍ତୀର ଚତୁର୍ବିଧ ରୂପକୁ ଦର୍ଶାଇଛନ୍ତି ?

I. ଐତିହାସିକ

II. ବ୍ୟକ୍ତି ବିଷୟକ

III. ପୌରାଣିକ

IV. ଦେବଦେବୀ ବିଷୟକ

ସୂତ୍ର (Code) :

(1) II, III, I, IV
(2) III, I, IV, II
(3) IV, III, I, II
(4) III, IV, II, I

**36.** ବସନ୍ତ କୁମାରୀ ପଟ୍ଟନାୟକଙ୍କ ନିମ୍ନ ପୁସ୍ତକଗୁଡ଼ିକର ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

I. ଜୀବନ ବହ୍ନି

II. ସଭ୍ୟତାର ସାଜ

III. ଚୋରାବାଲି

IV. ଚିତାନଳ

ସୂତ୍ର (Code) :

(1) II, I, IV, III
(2) I, II, III, IV
(3) II, IV, I, III
(4) IV, II, III, I

**37.** ଭୁବନେଶ୍ୱର ବେହେରାଙ୍କ ରଚନାଗୁଡ଼ିକୁ କାଳାନୁକ୍ରମେ ସଜାଅ ।

I. ଫର୍ ଫର୍ ଉଡ଼େ

II. କଥା ଓ ଲଥା

III. ସହାବସ୍ଥାନ

IV. ଆନ୍‌ସାରୀ ଚାଚା ଓ ଅନ୍ୟାନ୍ୟ ଗଳ୍ପ

ସୂତ୍ର (Code) :

(1) II, III, I, IV
(2) III, II, I, IV
(3) IV, III, II, I
(4) II, III, IV, I

**38.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ରାଧାକାନ୍ତ ରଙ୍ଗମଞ୍ଚ | A. | 1890 |
| II. | ଭିକ୍ଟୋରିଆ ଥିଏଟର | B. | 1898 |
| III. | ବୀଣାପାଣି ଥିଏଟର | C. | 1875 |
| IV. | ପଦ୍ମନାଭ ରଙ୍ଗାଳୟ | D. | 1889 |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | D | C | A | B |
| (2) | B | C | A | D |
| (3) | A | C | B | D |
| (4) | C | B | D | A |

**39.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ଜନ୍ କ୍ରୋ ରେନସମ୍ | A. | ପ୍ରାୟୋଗିକ ସମାଲୋଚନା |
| II. | ଆଇ.ଏ.ରିଚାର୍ଡସ୍ | B. | ମନସ୍ତାତ୍ତ୍ୱିକ ସମାଲୋଚନା |
| III. | ରୋମାନ୍ ଜାକବ୍ସନ | C. | ନୂତନ ସମାଲୋଚନା |
| IV. | ଜାକ୍ସ ଲାକାଁ | D. | ଭାଷାତାତ୍ତ୍ୱିକ ସମାଲୋଚନା |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | C | D | B | A |
| (2) | D | C | A | B |
| (3) | A | C | B | D |
| (4) | B | D | A | C |

**40.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ଭୟାନକ ରସ | A. | ହାସ |
| II. | ଶାନ୍ତ ରସ | B. | ଶୋକ |
| III. | କରୁଣ ରସ | C. | ଭୟ |
| IV. | ହାସ୍ୟ ରସ | D. | ଶାନ୍ତି |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | D | B | A | C |
| (2) | C | D | B | A |
| (3) | A | D | B | C |
| (4) | D | A | C | B |

Prepp
Your Personal Exams Guide

**41.** 'କ' ସ୍ତମ୍ଭରେ ଥିବା ଗ୍ରନ୍ଥ ଗୁଡ଼ିକ ସହିତ 'ଖ' ସ୍ତମ୍ଭରେ ଥିବା ଲେଖକଙ୍କ ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| I. | ପ୍ରେମ ପଥେ | A. | ବିଭୂତି ପଟ୍ଟନାୟକ |
| II. | କଲେଜ ବଧୂ | B. | ଶୁକଦେବ ସାହୁ |
| III. | ଶେଷ ବସନ୍ତ | C. | ସୁରେନ୍ଦ୍ର ମହାନ୍ତି |
| IV. | ପ୍ରିୟା ଓ ପରକୀୟା | D. | ଗୋଦାବରୀଶ ମହାପାତ୍ର |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | C | D | B | A |
| (2) | D | C | A | B |
| (3) | A | C | D | B |
| (4) | A | B | D | C |

**42.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| I. | ଦୁତିଆ ଓଷା | A. | ଯମ |
| II. | ବାଟ ଓଷା | B. | ମା ମଙ୍ଗଳା |
| III. | କାଞ୍ଜିଅଁଳା ଓଷା | C. | ଦୁତିବାହାନ |
| IV. | ଚୈତ୍ର ମଙ୍ଗଳବାର ଓଷା | D. | ଷଠୀ ଦେବୀ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | C | A | D | B |
| (2) | A | C | B | D |
| (3) | B | A | C | D |
| (4) | D | C | A | B |

**43.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| I. | ବନମାଳୀ ଦାସ | A. | ବ୍ରଜ ବିହାର |
| II. | ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା | B. | ଚୌର ଚିନ୍ତାମଣି |
| III. | ବୈଷ୍ଣବ କବି ଦାଶରଥି ଦାସ | C. | ଚାଟ ଇଚ୍ଛାବତୀ |
| IV. | ରଘୁନାଥ ଭଞ୍ଜ | D. | ରସ ଲହରୀ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | B | C | A | D |
| (2) | A | B | D | C |
| (3) | C | B | A | D |
| (4) | B | A | C | D |

**44.** 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| I. | ଧମ୍ମପଦ | A. | ମହିମା ଧର୍ମ |
| II. | ସ୍ତୁତି ଚିନ୍ତାମଣି | B. | ବୌଦ୍ଧ ଧର୍ମ |
| III. | ଗାଥା ଗୋବିନ୍ଦଚନ୍ଦ୍ର | C. | ବୈଷ୍ଣବ ଧର୍ମ |
| IV. | ବ୍ରହ୍ମାଙ୍କୁଳି | D. | ନାଥ ଧର୍ମ |

ସୂତ୍ର (Code) :

| | I | II | III | IV |
|---|---|---|---|---|
| (1) | B | A | D | C |
| (2) | A | C | B | D |
| (3) | C | B | A | D |
| (4) | B | C | D | A |

**45.** ସ୍ଥାପନା (Assertion) :

ଏ ବିବେକକୁ ଡରିଲେ ଚଳିବ ନାହିଁ । ଏହା ଆମ୍ଭମାନଙ୍କୁ କାପୁରୁଷ କରି ଦେଉଅଛି । ଏତଦ୍ୱାରା ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେଉଅଛୁଁ । ଆମ୍ଭମାନଙ୍କ ଲକ୍ଷ୍ୟ ସ୍ଥିର କରିବାକୁ ହେବ ।

ଯୁକ୍ତି (Reason) :

ବିବେକ ମଣିଷକୁ ନୀତିହୀନ ହେବାକୁ ପ୍ରବର୍ତ୍ତାଇଥାଏ ।

(1) (A) ଠିକ୍ ଓ (R) ଭୁଲ
(2) (A) ଆଂଶିକ ଠିକ୍ ଓ (R) ଭୁଲ
(3) (A) ଭୁଲ ଓ (R) ଠିକ୍
(4) (A) ଓ (R) ଉଭୟ ଠିକ୍

**46.** ସ୍ଥାପନା (Assertion) :

ଯାହା ସୁନ୍ଦର, ମଧୁର ଓ ଯାହା କଳ୍ପଲୋକର ସ୍ୱପ୍ନନେଇ ଗଢ଼ା, ତାକୁ କୌଣସି ନିନ୍ଦାବାଦ ବା ତାର୍କିକର ଫୁତ୍କାର ନଷ୍ଟ କରିନପାରେ ।

ଯୁକ୍ତି (Reason) :

ନିନ୍ଦାବାଦ ବା ତାର୍କିକର ଫୁତ୍କାର ଖୁବ୍ ଦୁର୍ବଳ । ତେଣୁ କିଛି ଭାଙ୍ଗିବାର ଶକ୍ତି ତାର ନଥାଏ ।

(1) (A) ଓ (R) ଉଭୟ ଠିକ୍
(2) (A) ଭୁଲ ଓ (R) ଠିକ୍
(3) (A) ଠିକ୍ ଓ (R) ଭୁଲ
(4) (A) ଓ (R) ଉଭୟ ଭୁଲ

**47.** ସ୍ଥାପନା (Assertion) :

ଉପନିଷଦ ଓ ବୈଷ୍ଣବ କବିତା ମିଶିଲେ ଯାହା, ତାହାହିଁ ଗୀତାଞ୍ଜଳି ।

ଯୁକ୍ତି (Reason) :

ସବୁ ଭଲ କବିତାରେ ଏ ଦୁଇଟିର ସମନ୍ୱୟ ଘଟିଥାଏ ।

(1) (A) ଭୁଲ ଓ (R) ଠିକ୍ (2) (A) ଆଂଶିକ ଭୁଲ ଓ (R) ସମ୍ପୂର୍ଣ୍ଣ ଭୁଲ

(3) (A) ଠିକ୍ ଓ (R) ଭୁଲ (4) (A) ଓ (R) ଉଭୟ ଠିକ୍

**48.** ସ୍ଥାପନା (Assertion) :

ଗୌଡ଼ୀୟ ବୈଷ୍ଣବ ଧର୍ମତତ୍ତ୍ୱରେ ବ୍ରହ୍ମ ଗୌଣ ନହେଲେ ହେଁ ଅପ୍ରଧାନ; କିନ୍ତୁ ଭାଗବତ ସେଥିରେ ମୁଖ୍ୟ ଓ ପ୍ରଧାନ । ବ୍ରହ୍ମଙ୍କଠାରେ ସବୁଗୁଣ ଓ ଶକ୍ତି ଅନ୍ତର୍ନିହିତ ଓ ପ୍ରଚ୍ଛନ୍ନ ରହିଥିଲେ ହେଁ, ଭାଗବତଙ୍କଠାରେ ତାହା ପୂର୍ଣ୍ଣଭାବରେ ପ୍ରକଟିତ ।

ଯୁକ୍ତି (Reason) :

ବ୍ରହ୍ମ ଓ ଭାଗବତ ଉଭୟ ପରସ୍ପର ବିରୋଧୀ । ତେଣୁ ଏ ବିରୋଧାଭାସ ଲକ୍ଷିତ ।

(1) (A) ଓ (R) ଉଭୟ ଠିକ୍ (2) (A) ଠିକ୍ ଓ (R) ଭୁଲ

(3) (A) ଆଂଶିକ ଭୁଲ ଓ (R) ଠିକ୍ (4) (A) ଓ (R) ଉଭୟ ଭୁଲ

**49.** ସ୍ଥାପନା (Assertion) :

ଓଡ଼ିଆ ସାହିତ୍ୟର ସ୍ଫୁରଣ ଓ ବିକାଶ ପୂର୍ବରୁ ଓଡ଼ିଆରେ ଏକ ସୁସମୃଦ୍ଧ ସଂସ୍କୃତ କାବ୍ୟ ସାହିତ୍ୟ ରହିଥିଲା । ଏହି ସାହିତ୍ୟରେ ଅଭ୍ୟସ୍ତ ପାଠକଗୋଷ୍ଠୀ, ଦାଣ୍ଡୀ ବୃତ୍ତରେ ରଚିତ ପୁରାଣ ସାହିତ୍ୟରେ ସନ୍ତୁଷ୍ଟ ନରହି, କ୍ରମେ ଓଡ଼ିଆରେ କାଳ୍ପନିକ କାବ୍ୟ ପାଇଁ ଆଗ୍ରହୀ ହୋଇଥିବା ସ୍ୱାଭାବିକ ।

ଯୁକ୍ତି (Reason) :

ପୁରାଣ ସବୁଦିନ ପାଇଁ କାହାରିକୁ ସନ୍ତୁଷ୍ଟ କରି ରଖିପାରେ ନାହିଁ ।

(1) (A) ଓ (R) ଉଭୟ ଭୁଲ (2) (A) ଭୁଲ ଓ (R) ଠିକ୍

(3) (A) ଓ (R) ଉଭୟ ଠିକ୍ (4) (A) ଠିକ୍ ଓ (R) ଭୁଲ

**50.** ସ୍ଥାପନା (Assertion) :

ରହସ୍ୟବାଦୀ କବିତାର ଗୁଣ ଏହି ଯେ ଆପାତତଃ କବିତାର ଯେଉଁ ଅର୍ଥ ପ୍ରତୀତ ହୁଏ ତାହା ଯଥାର୍ଥ ନୁହେଁ – ତାହାର ଅନ୍ତର୍ନିହିତ ଅର୍ଥ ହିଁ ପ୍ରକୃତ ଅର୍ଥ ।

ଯୁକ୍ତି (Reason) :

କବିତା ମୂଳତଃ ନିଜ ବକ୍ତବ୍ୟକୁ ପରୋକ୍ଷରେ କହିଥାଏ ।

(1) (A) ଓ (R) ଉଭୟ ଠିକ୍ (2) (A) ଭୁଲ ଓ (R) ଠିକ୍

(3) (A) ଠିକ୍ ଓ (R) ଭୁଲ (4) (A) ଓ (R) ଉଭୟ ଭୁଲ